# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 13 July – 2025

*******************************

---

## ରାଷ୍ଟ୍ରପତି-ଏମ୍ସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଠାରୁ ଦୁଇଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି । ଏହି ସମୟ ମଧ୍ୟରେ ରାଷ୍ଟ୍ରପତି ଭୁବନେଶ୍ୱର ଏବଂ କଟକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଆସନ୍ତାକାଲି ଅପରାହ୍ନରେ ରାଷ୍ଟ୍ରପତି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ । ସେହିଦିନ ଭୁବନେଶ୍ୱର ଏମ୍ସର ପଞ୍ଚମ ସମାବର୍ତ୍ତନ ସମାରୋହରେ ଯୋଗଦେବେ । ମଙ୍ଗଳବାର ପୂର୍ବାହ୍ନରେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବ ଏବଂ କଳିଙ୍ଗ ରତ୍ନ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

---

## ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

---

## ବିଧାନସଭା ଷ୍ଟାଣ୍ଡିଂ କମିଟି

ବିଧାନସଭା ଷ୍ଟାଣ୍ଡିଂ କମିଟି ଆସନ୍ତାକାଲି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗସ୍ତରେ ଯିବେ । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ ଏହି କମିଟି ବିଶ୍ୱ ବିଦ୍ୟାଳୟର ବିଭିନ୍ନ ଆବଶ୍ୟକତା ଉପରେ ସମୀକ୍ଷା କରିବା ସହ ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ କର୍ମଚାରୀଙ୍କ ସହ ମତ ବିନିମୟ କରିବାକୁ କାର୍ଯ୍ୟସୂଚୀ ରହିଛି । ଏହା ପରେ କମିଟି ତାଙ୍କ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବେ ।

---

## ଗ୍ରାମାଞ୍ଚଳ ସଡକ ଯୋଗାଯୋଗ

ଗ୍ରାମାଞ୍ଚଳରେ ସଡକ ଯୋଗାଯୋଗକୁ ସୁଦୃଢ କରିବା ନେଇ  ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ବିଧାନସଭା ନିର୍ବାଚନ ମଣ୍ଡଳୀ ପିଛା ବାର୍ଷିକ ଏଥିପାଇଁ ୧କୋଟି ଟଙ୍କା ଖର୍ଚ୍ଚ କରାଯିବ । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ସଂକଳ୍ପ ଜାରି କରାଯାଇଛି । ଚଳିତବ ଆର୍ଥିକ ବର୍ଷ ପାଇଁ ଏ ବାବଦରେ ବଜେଟ୍‌ରେ ୧୪୨କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

---

## ମୁଖ୍ୟ ଶାସନ ସଚିବ-ପିପିଲି

ପିପିଲିର ହସ୍ତଶିଳ୍ପ ସମାଗ୍ରୀ ଏବଂ କାରିଗରଙ୍କ ସାମଗ୍ରିକ ବିକାଶ ସମ୍ପର୍କରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ଥାନୀୟ କାରିଗରଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀମତୀ ଗର୍ଗ ଗତକାଲି ପୁରୀ ଜିଲ୍ଲାର ପିପିଲି ପରିଦର୍ଶନ କରି ଚାନ୍ଦୁଆ ଶିଳ୍ପର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଏଥିପାଇଁ କଞ୍ଚାମାଲର ଉପଲବ୍ଧତା,

ଉତ୍ପାଦର ବିକ୍ରୟ ପାଇଁ ବଜାର ସୁବିଧା ଏବଂ ନୂଆ କାରିଗରଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା ଆଦି ସମ୍ପର୍କରେ ସେ ଆଲୋଚନା କରିଛନ୍ତି ।

---

## ନୂତନ ଆଇଟି-୨.୦ସଫ୍ଟୱେର

ଡାକ ବିଭାଗରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ନୂତନ ଆଇଟି-୨.୦ସଫ୍ଟୱେର ନେଇ ବ୍ରହ୍ମପୁର ଡାକମଣ୍ଡଳ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଶେଷ ହୋଇଛି । ମଣ୍ଡଳର ବରିଷ୍ଠ ଡାକ ଅଧୀକ୍ଷକ ବସନ୍ତ କୁମାର ପଣ୍ଡା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଏହି ସଫ୍ଟୱେର ପ୍ରଚଳନ ଦ୍ୱାରା ଡାକ ସେବା ଅଧିକ ଗତିଶୀଳ ହୋଇପାରିବ । ବ୍ରହ୍ମପୁର ମୁଖ୍ୟ ଡାକଘର ଏବଂ ଏହା ଅଧୀନସ୍ଥ ଅନ୍ୟ ଡାକଘରଗୁଡିକରେ ଆସନ୍ତା ୧୫ତାରିଖ ଏହି ନୂତନ ସଫ୍ଟୱେର କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି ।

---

## ଡାକକାର୍ଯ୍ୟ ବନ୍ଦ

କଟକର ଡାକ ମୁଖ୍ୟାଳୟ ଜି.ପି.ଓ. ଏବଂ ଏହା ଅଧୀନସ୍ଥ ସମସ୍ତ ଉପଡାକଘର ତଥା ଶାଖା ଡାକଘର ଆସନ୍ତାକାଲି ବନ୍ଦ ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହିସବୁ ଡାକଘରଗୁଡ଼ିକରେ ଏକ ନୂତନ ସଫ୍ଟୱେୟର ଆଇ.ଟି.-୨.୦ର ଆସନ୍ତା ୧୫ ତାରିଖରେ କାର୍ଯ୍ୟକାରୀ ହେବା ଅବସରରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କଟକର ଡାକ ମୁଖ୍ୟାଳୟ ସୂଚନା ଦେଇଛି ।

---

## ବିଏଡ୍-ପ୍ରବେଶିକା ପରୀକ୍ଷା

ରାଷ୍ଟ୍ରୀୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ-ଏନ.ସି.ଇ.ଆର.ଟି ପକ୍ଷରୁ ବିଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା ଆଜି ଅନୁଷ୍ଠିତ ହେଉଛି । କମ୍ପ୍ୟୁଟର ସିବିଟି ମାଧ୍ୟମରେ ଅନୁଷ୍ଠିତ ହେଉଥିବା ଏହି ପରୀକ୍ଷା ପାଇଁ ସମଗ୍ର ଦେଶରେ ୮୦ଟି ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି । ଓଡିଶାର ୪୪ଟି ପରୀକ୍ଷା କେନ୍ଦ୍ରରେ ୨୨ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ପଞ୍ଜୀକୃତ ହୋଇଛନ୍ତି ।

---

## ଶାନ୍ତି କମିଟିର ବୈଠକ

ଆଗାମୀ ଗଣେଶ ପୂଜା ଏବଂ ବିସର୍ଜନ ନେଇ କଟକ ମହାନଗର ଶାନ୍ତି କମିଟିର ଏକ ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ମାସ ୨୭ତାରିଖରେ ଗଣେଶପୂଜା ଏବଂ ପର୍ଯ୍ୟାୟକ୍ରମେ ବିସର୍ଜନ ନେଇ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସେହିଭଳି ଚଳିତବର୍ଷର ଦୁର୍ଗାପୂଜା ସେପ୍ଟେମ୍ବର ୨୭ ଶନିବାର ମହାଷଷ୍ଠୀରୁ ଆରମ୍ଭ ହୋଇ ଅକ୍ଟୋବର ୩ତାରିଖରେ ଭସାଣି ଅନୁଷ୍ଠିତ ହେବ ବୋଲି ବୈଠକରେ କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

---

# ଭାରତୀୟ ମତ୍ସ୍ୟଚାଷ

ଗଞ୍ଜାମ ଜିଲ୍ଲା ମାଣ୍ଡିଆପାଲି ସ୍ଥିତ ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟରେ ଗତକାଲି ଭାରତୀୟ ମତ୍ସ୍ୟ ଚାଷର ଦୃଷ୍ଟିକୋଣ-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଯୋଗଦେଇ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଦେଶରେ ମତ୍ସ୍ୟପାଳନ ଏବଂ ଜଳ ପରିଚାଳନା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ କେତେକ ପୁସ୍ତକ ଉନ୍ମୋଚନ ସହ କୃତୀ ଛାତ୍ରଛାତ୍ରୀ ଏବଂ ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ।

---

# ମହିଳା ହକି

ପଞ୍ଚଦଶତମ ଜାତୀୟ ସବ୍ ଜୁନିୟର ମହିଳା ହକି ଚାମ୍ପିୟନସିପର ଫାଇନାଲ ପର୍ଯ୍ୟାୟକୁ ଓଡିଶଶ ଉନ୍ନୀତ ହୋଇଛି । ଝାଡଖଣ୍ଡରେ ଚାଲିଥିବା ଏହି ପ୍ରତିଯୋଗିତାରେ ଗତକାଲି ସେମିଫାଇନାଲ ପର୍ଯ୍ୟାୟରେ ଓଡିଶା ୧-୦ଗୋଲରେ ହରିୟାଣାକୁ ପରାସ୍ତ କରିଛି । ଦ୍ୱିତୀୟ ସେମିଫାଇନାଲରେ ମିଜୋରାମ ବିରୁଦ୍ଧରେ ଝାଡଖଣ୍ଡ ମଧ୍ୟ ଗୋଟିଏ ଗୋଲ ବ୍ୟବଧାନରେ ବିଜୟୀ ହୋଇଛି । ଓଡିଶା ଏବଂ ଝାଡଖଣ୍ଡ ମଧ୍ୟରେ ଆସନ୍ତାକାଲି ଫାଇନାଲ ମ୍ୟାଚ ଖେଳାଯିବ ।

---

# ପାଣିପାଗ

ଉତ୍ତର ଓଡିଶାର ଅଧିକାଂଶ ଅଞ୍ଚଳରେ ଆଜି ଏବଂ ଆସନ୍ତାକାଲି ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି । ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ଏହି ସମୟରେ ବଜ୍ରପାତ ହୋଇପାରେ । ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଏବଂ ଜଗତସିଂହପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି ।